**ସିରପୁର କାଗଜ କଳ ଲିମିଟେଡ**

*ବନାମ*

**କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଗ୍ରାହକ, ହାଇଦ୍ରାବାଦ**

**ଡିସେମ୍ବର 11,1997**

**[ସୁହାସ ସି. ସେନ ଏବଂ କେ. ଟି. ଥୋମାସ, ନ୍ୟାୟମୂର୍ତ୍ତି]**

*କେନ୍ଦ୍ରୀୟ ଉତ୍ପାଦ ଏବଂ ଲବଣ ଶୁଳ୍କ, 1944 :ଧାରା 3.*

*ଉତ୍ପାଦ ଶୁଳ୍କ – କର ବସାଣ - କାଗଜ ତିଆରି ଯନ୍ତ୍ର - ଶୁଳ୍କ ଦେୟଯୁକ୍ତ ଉପାଦାନ ବ୍ୟବହାର କରି କରଦାତାଙ୍କ କାରଖାନାରେ ସ୍ଥାପିତ - ଏପରି ଯନ୍ତ୍ର ସ୍ଥାୟୀ ଭାବରେ ମାଟିରେ ପୋତା ଯାଇଛି - ନ୍ୟାୟାଧିକରଣ ଜାଣିବାକୁ ପାଇଥିଲେ ଯେ ଉକ୍ତ ଯନ୍ତ୍ର କେବଳ କାର୍ଯ୍ୟକ୍ଷମ ଦକ୍ଷତା ପାଇଁ ମାଟି ସହିତ ସଂଲଗ୍ନ ଥିଲା, ସ୍ଥାବର ନୁହେଁ, ବିକ୍ରିଯୋଗ୍ୟ ଏବଂ ଉତ୍ପାଦ ଶୁଳ୍କ ଦେବାକୁ ଯୋଗ୍ୟ - ଦର୍ଶାଯାଇଛି :ଏପରି ତଥ୍ୟ, ଯେଉଁଠାରେ କୌଣସି ବସ୍ତୁଗତ ତଥ୍ୟକୁ ଅଣଦେଖା କରାଯାଇ ନାହିଁ କିମ୍ବା ନିଷ୍ପତ୍ତିକୁ ବିକୃତ କରାଯାଇ ନାହିଁ, ତାହାକୁ ସମର୍ଥନ କରାଯାଇଛି - ଅନ୍ୟଥା ଏପରି ଏକ ଯନ୍ତ୍ର, କେବଳ ଉନ୍ନତ କାର୍ଯ୍ୟକାରିତା ପାଇଁ ସ୍ଥାୟୀ ଭାବରେ ମାଟିରେ ପୋତା ଯାଇଥିବାରୁ, ସ୍ଥାବର ସମ୍ପତ୍ତି ହୋଇପାରିବ ନାହିଁ - ଏହା ବ୍ୟତୀତ, ଏପରି ଯନ୍ତ୍ରକୁ ଭାଙ୍ଗି ଏବଂ ପୁନଃସଂଯୋଗ କରି ଅନ୍ୟ କୌଣସି ସ୍ଥାନରେ ବିକ୍ରି କରାଯାଇପାରିବ ।*

*ଉତ୍ପାଦ ଶୁଳ୍କ - କର ବସାଣ - ନିର୍ଣ୍ଣୟ କରିବା ପାଇଁ ପରୀକ୍ଷଣ - ଦର୍ଶାଯାଇଛି :ଦ୍ରବ୍ୟଗୁଡ଼ିକ ବଜାରରେ ବିକ୍ରି ହୋଇପାରିବ କି ନାହିଁ, ଏବଂ ସେଗୁଡ଼ିକ ମାଟିରେ ପୋତା ହୋଇଛି କି ନାହିଁ ।*

*ଉତ୍ପାଦ ଶୁଳ୍କ – ନିର୍ମାଣ - ବିଭିନ୍ନ ଉପାଦାନ ବ୍ୟବହାର କରି ନିର୍ମିତ କାଗଜ ତିଆରି ଯନ୍ତ୍ର - ନିର୍ଣ୍ଣୟ କରିବା ପାଇଁ ପରୀକ୍ଷଣ - ଦର୍ଶାଯାଇଛି :ଏକ ନୂତନ ବିପଣନଯୋଗ୍ୟ ଦ୍ରବ୍ୟର ଆବିର୍ଭାବ ହୋଇଛି କି ନାହିଁ ।*

**ଅପିଲକାରୀ-କରଦାତା ବଜାରରୁ କିଣାଯାଇଥିବା କରଦେୟ ଉପାଦାନ ବ୍ୟବହାର କରି ଏହାର କାରଖାନାରେ ଏକ କାଗଜ ତିଆରି ଯନ୍ତ୍ର ନିର୍ମାଣ କରିଥିଲେ । ଉକ୍ତ ଯନ୍ତ୍ରଟି ଏକ କଂକ୍ରିଟ୍ ଆସ୍ଥାନରେ ଲଗାଯାଇଥିଲା ଏବଂ ସ୍ଥାୟୀ ଭାବେ ଭୂମିରେ ସଂଲଗ୍ନ ହୋଇଥିଲା । କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଏବଂ ଲବଣ ଅଧିନିୟମ, 1944 ର ଧାରା 3 ଅନୁଯାୟୀ ଉତ୍ପାଦ ଶୁଳ୍କ କର୍ତ୍ତୃପକ୍ଷ ଉକ୍ତ କାଗଜ ତିଆରି ଯନ୍ତ୍ର ଉପରେ ଶୁଳ୍କ ଲାଗୁ କରିଥିଲେ ।**

**ଏଥିରେ ବ୍ୟଥିତ ହୋଇ ଅପିଲକାରୀ-କରଦାତା ସୀମା ଶୁଳ୍କ, ଉତ୍ପାଦ ଶୁଳ୍କ ଏବଂ ସୁନା (ନିୟନ୍ତ୍ରଣ) ଅପିଲ ନ୍ୟାୟାଧିକରଣରେ ଏକ ଆବେଦନ ଦାଖଲ କରିଥିଲେ । ନ୍ୟାୟାଧିକରଣଙ୍କ ରାୟରେ ଦର୍ଶାଇଥିଲେ ଯେ କାର୍ଯ୍ୟ ସମ୍ବନ୍ଧୀୟ ଦକ୍ଷତା ପାଇଁ ଉକ୍ତ ଯନ୍ତ୍ରଟି ମାଟି ସହିତ ସଂଯୁକ୍ତ ହୋଇଥିଲା । ଯନ୍ତ୍ରଟିକୁ କଂକ୍ରିଟ୍ ଆସ୍ଥାନ**

ସହିତ ସଂଲଗ୍ନ କରିବା ପଛରେ, ଯନ୍ତ୍ରଟିର ଦୋଳାୟମାନତାକୁ ରୋକିବା ଏବଂ ସର୍ବାଧିକ କାର୍ଯ୍ୟକ୍ଷମତା ଏବଂ ସୁରକ୍ଷା ହିଁ, ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ଥିଲା । ନ୍ୟାୟାଧିକରଣ ଆହୁରି ମଧ୍ୟ ରାୟରେ କାଗଜ ତିଆରି ଯନ୍ତ୍ରଟି ବିକ୍ରିୟଯୋଗ୍ୟ ବୋଲି ଦର୍ଶାଇଥିଲେ । ତଦନୁସାରେ, ନ୍ୟାୟାଧିକରଣ ଏହି ଆବେଦନକୁ ଖାରଜ କରିଦେଇଥିଲେ । ସେଥିପାଇଁ ଏହି ଅପିଲ କରାଯାଇଛି ।

ଅପିଲକାରୀଙ୍କ ତରଫରୁ ଏହା ଯୁକ୍ତି କରାଯାଇଥିଲା ଯେ, ଯନ୍ତ୍ରଟି ସ୍ଥାୟୀ ଭାବରେ ମାଟି ସହିତ ସଂଯୁକ୍ତ ଥିଲା ଏବଂ ପ୍ରକୃତରେ ସ୍ଥାବର ଥିଲା; ଏବଂ ଉକ୍ତ ଯନ୍ତ୍ରଟି ସାଧାରଣତଃ ବଜାରରେ ବିକ୍ରି ହୋଇପାରିବ ନାହିଁ ।

ଏହି ଅପିଲକୁ ଖାରଜ କରି ନ୍ୟାୟାଳୟ ଦର୍ଶାଇଛନ୍ତି :

1. ସୀମା ଶୁଳ୍କ, ଉତ୍ପାଦ ଶୁଳ୍କ ଏବଂ ସୁନା (ନିୟନ୍ତ୍ରଣ) ଅପିଲ ନ୍ୟାୟାଧିକରଣଙ୍କ ତଥ୍ୟକୁ ଦୃଷ୍ଟିରେ ରଖି ଯେ କାଗଜ ତିଆରି ଯନ୍ତ୍ରଟି ବିକ୍ରିୟଯୋଗ୍ୟ ଥିଲା, ଏହା ସ୍ଥିର କରିବା ସମ୍ଭବ ନୁହେଁ ଯେ ଅପିଲକାରୀଙ୍କ ଦ୍ୱାରା ଏହାର କାରଖାନାରେ ଏକତିତ୍ର କରି ଏବଂ ନିର୍ମାଣ କରାଯାଇଥିବା ଯନ୍ତ୍ରଟି ସ୍ଥାବର ସମ୍ପତ୍ତି ଥିଲା ଯାହା ଏକ କୋଠା କିମ୍ବା ଗଛ ପରି ମାଟି ସହିତ ସଂଲଗ୍ନ ଥିଲା । ନ୍ୟାୟାଧିକରଣ ଦର୍ଶାଇଛନ୍ତି ଯେ, ଯନ୍ତ୍ରଟିର କାର୍ଯ୍ୟକ୍ଷମ ଦକ୍ଷତା ପାଇଁ ଏହାକୁ ମାଟି ସହିତ ସଂଯୁକ୍ତ କରାଯାଇଥିଲା । ଯଦି ଅପିଲକାରୀ କାଗଜ ତିଆରି ଯନ୍ତ୍ରଟି ବିକ୍ରି କରିବାକୁ ଚାହାଁନ୍ତି, ତେବେ ସର୍ବଦା ଏହାକୁ ପାଦଦେଶରୁ ହଟାଇ ଏହାକୁ ବିକ୍ରି କରିପାରିବେ ।

2. ପରୀକ୍ଷଣ ହେଉଛି କାଗଜ ତିଆରି ଯନ୍ତ୍ର ବଜାରରେ ବିକ୍ରି ହୋଇପାରିବ କି ନାହିଁ । ନ୍ୟାୟାଧିକରଣ ଜାଣିବାକୁ ପାଇଛନ୍ତି ଯେ ଏହାକୁ ବିକ୍ରି କରାଯାଇପାରିବ । ସେହି ଅନୁସନ୍ଧାନକୁ ଦୃଷ୍ଟିରେ ରଖି, ଅପିଲକାରୀଙ୍କ ଏହି ଯୁକ୍ତିକୁ ବଜାୟ ରଖିବା ସମ୍ଭବ ନୁହେଁ ଯେ, ଯନ୍ତ୍ରଟି କମ୍ପାନୀର ସ୍ଥାବର ସମ୍ପତ୍ତିର ଏକ ଉପାଦାନ ଭାବରେ ବିବେଚିତ ହେବା ଆବଶ୍ୟକ । କେବଳ ଉତ୍ତମ କାର୍ଯ୍ୟକାରିତା ପାଇଁ କାରଖାନା ଏବଂ ଯନ୍ତ୍ରଟି ଭୂମିରେ ଦୃଢରେ ରହିଥିବାରୁ, ଏହା ସ୍ୱୟଂ ଭାବରେ ଏକ ସ୍ଥାବର ସମ୍ପତ୍ତି ପରିଣତ ହୁଏ ନାହିଁ ।

3. ଅପିଲକାରୀ ତାଙ୍କ କାରଖାନାରେ ଯାହା ସ୍ଥାପନ କରିଛନ୍ତି ତାହା ହେଉଛି ଏକ କାଗଜ ତିଆରି ଯନ୍ତ୍ର । ଏହା ଯନ୍ତ୍ର ତିଆରି କରିବା ପାଇଁ ବିଭିନ୍ନ ଉପାଦାନ କିଣିଥାଇପାରେ, କିନ୍ତୁ ତଥାପି ଯାହା ଉତ୍ପାଦିତ ହୋଇଛି ତାହା କିଣାଯାଇଥିବା ଉପାଦାନଗୁଡ଼ିକ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଅପିଲକାରୀଙ୍କ ଉତ୍ପାଦନ କାର୍ଯ୍ୟକଳାପର ଫଳସ୍ୱରୂପ ଏକ ନୂତନ ବିପଣନଯୋଗ୍ୟ ଦ୍ରବ୍ୟ ଉଭା ହୋଇଛି ।

4. ବିପଣନଯୋଗ୍ୟତା ଏକ ତଥ୍ୟଗତ ପ୍ରଶ୍ନ ହୋଇଥିବାରୁ, ଆମର ମତ ହେଉଛି ନ୍ୟାୟାଧିକରଣ ଦ୍ୱାରା ପାରିତ ଆଦେଶରେ ହସ୍ତକ୍ଷେପ କରିବାର କୌଣସି ପରିସର ନାହିଁ । ଏହା କୁହାଯାଇପାରିବ ନାହିଁ ଯେ, ନ୍ୟାୟାଧିକରଣ କୌଣସି ବସ୍ତୁଗତ ତଥ୍ୟକୁ ଅଣଦେଖା କରିଛି କିମ୍ବା ଏହାର ନିର୍ଣ୍ଣୟ ବିକୃତ ଅଟେ ।

ଦେୱାନୀ ଅପିଲ କ୍ଷେତ୍ରାଧିକାର :ଦେୱାନୀ ଅପିଲ ସଂଖ୍ୟା 527/1988

ସୀମା ଶୁଳ୍କ, ଉତ୍ପାଦ ଶୁଳ୍କ ଏବଂ ସୁନା (ନିୟନ୍ତ୍ରଣ) ଅପିଲ ନ୍ୟାୟାଧିକରଣ, ନୂଆଦିଲ୍ଲୀର 1177/1982-BI ସଂଖ୍ୟା ବିଶିଷ୍ଟ ଆଦେଶରେ (ଆଦେଶ ସଂଖ୍ୟା 57/87-BL) ତା.1.1.87ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଖଇତାନ୍ ଏବଂ କୋ.ଙ୍କ ପାଇଁ ଜୟଦୀପ ଗୁପ୍ତା ଏବଂ ସୁଶ୍ରୀ ଗୌରୀ ।

ଉତ୍ତରଦାତାଙ୍କ ପକ୍ଷରୁ ଏମ୍. ଏସ୍. ଉସଗାଓଁକର,ଅତିରିକ୍ତ ମହା ନ୍ୟାୟାଭିକର୍ତ୍ତା, ଧ୍ରୁବ ମେହେଟ୍ଟା ଏବଂ ଭି. କେ. ବର୍ମା ।

ନ୍ୟାୟାଳୟଙ୍କ ରାୟ ପ୍ରଦାନକର୍ତ୍ତା

**ସେନ୍, ନ୍ୟାୟମୂର୍ତ୍ତି** ଏହି ମାମଲାରେ ବିବାଦ ହେଉଛି କାଗଜ ତିଆରି ଯନ୍ତ୍ର ଉପରେ ଉତ୍ପାଦ ଶୁଳ୍କ ଆଦାୟ କରିବା ବିଷୟରେ, ଯାହାକୁ ଅପିଲକାରୀ-କମ୍ପାନୀ ଦ୍ୱାରା ବଜାରରୁ କିଣାଯାଇଥିବା ଶୁଳ୍କ ଦେୟଯୁକ୍ତ ଉପାଦାନ ବ୍ୟବହାର କରି ଏବଂ ସେମାନଙ୍କ କାରଖାନାରେ ଯନ୍ତ୍ରଟିର କିଛି ଉପାଦାନ ତିଆରି କରି ନିର୍ମାଣ କରାଯାଇଥିଲା । ବଜାରରୁ କିଣାଯାଇଥିବା ଶୁଳ୍କ ଦେୟଯୁକ୍ତ ଉପାଦାନଗୁଡ଼ିକ ଯନ୍ତ୍ର ପାଇଁ ଆବଶ୍ୟକୀୟ ଉପାଦାନର ପ୍ରାୟ 90% କାମ କରିଥିଲା । ଅପିଲକାରୀଙ୍କ କାରଖାନା ଭିତରେ ତିଆରି ହୋଇଥିବା ଯନ୍ତ୍ରାଂଶ ସମ୍ବନ୍ଧରେ, ସରକାରଙ୍କ ଦ୍ୱାରା ଏପ୍ରିଲ୍ 30,1975 ରେ ଜାରି ହୋଇଥିବା ଅଧିସୂଚନା ସଂଖ୍ୟା 118/75 ଅନୁଯାୟୀ କୌଣସି ଶୁଳ୍କ ବସାଣ ଯୋଗ୍ୟ ନଥିଲା । ଅପିଲକାରୀଙ୍କ ମାମଲା ହେଉଛି ଯେ ଉତ୍ପାଦ ଶୁଳ୍କ କର୍ତ୍ତୃପକ୍ଷ ଭୁଲବଶତଃ ଅପିଲକାରୀଙ୍କ କାରଖାନାରେ ସ୍ଥାପିତ କାଗଜ ତିଆରି ଯନ୍ତ୍ର ଉପରେ ଶୁଳ୍କ ଲାଗୁ କରିଥିଲେ କାରଣ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅଧିନିୟମ "ଭାରତରେ ପ୍ରସ୍ତୁତ କିମ୍ବା ନିର୍ମିତ ସମସ୍ତ ଉତ୍ପାଦିତ ସାମଗ୍ରୀ" ଉପରେ ଶୁଳ୍କ ଲାଗୁ କରିଥାଏ । ଏହା ଭଲ ଭାବରେ ସ୍ଥିର ହୋଇଛି ଯେ, ଧାରା 3 ଦ୍ୱାରା ମନସ୍ଥ କରାଯାଇଥିବା "ସାମଗ୍ରୀ", ଯାହା ଅଧିନିୟମର ଆରୋପିତ ଧାରା, ନିଶ୍ଚିତ ଭାବରେ ଅସ୍ଥାବର ଏବଂ ବିକ୍ରିଯୋଗ୍ୟ ହେବା ଉଚିତ । ଅପିଲକାରୀଙ୍କ ମାମଲା ହେଉଛି ଯେ ଅପିଲକାରୀଙ୍କ ଦ୍ୱାରା କିଣାଯାଇଥିବା କାଗଜ ତିଆରି ଯନ୍ତ୍ରର ବିଭିନ୍ନ ଉପାଦାନଗୁଡିକ ସେହି ସ୍ଥାନରେ ଏକାଠି ରଖିବାକୁ ପଡିବ ଯେଉଁଠାରେ ଯନ୍ତ୍ର ସ୍ଥାପନ କରାଯାଇଥିଲା ଏବଂ ଭୂମିରେ ପୋତା ଯାଇଥିଲା । କେତେକ ଉପାଦାନ ମଧ୍ୟ ସେହି ସ୍ଥାନରେ ତିଆରି କରାଯିବାର ଥିଲା । ଏହି ଯନ୍ତ୍ର ପ୍ରକୃତରେ ସ୍ଥାବର ସମ୍ପତ୍ତି ଥିଲା ଏବଂ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅଧିନିୟମର ଆରୋପିତ ଧାରାର ଅନର୍ଥ ମଧ୍ୟରେ ଆସି ନଥିଲା ।

ଶ୍ରୀ ଜୟଦୀପ ଗୁପ୍ତା, ଅପିଲକାରୀଙ୍କ ତରଫରୁ ଉପସ୍ଥିତ ହୋଇ ଯୁକ୍ତି ଦେଇଛନ୍ତି ଯେ, ଯନ୍ତ୍ରଟି ସ୍ଥାୟୀ ଭାବରେ ମାଟି ସହିତ ସଂଲଗ୍ନ ଥିଲା । ବାସ୍ତବରେ, ଏହି ଯନ୍ତ୍ରଟି ସ୍ଥାୟୀ ଭାବେ ମାଟି ସହିତ ସଂଯୁକ୍ତ ନହେବା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ । ଏହା ମଧ୍ୟ ଯୁକ୍ତି କରାଯାଇଥିଲା ଯେ, ଯନ୍ତ୍ରଟି ସାଧାରଣତଃ

ବଜାରରେ ବିକ୍ରି ହୋଇପାରିବ ନାହିଁ । ଯନ୍ତ୍ରଟିର ପ୍ରକୃତି ଏପରି ଯେ ଏହାକୁ ଅନ୍ୟ କୌଣସି ପକ୍ଷକୁ ସ୍ଥାନାନ୍ତର କରାଯାଇପାରିବ ନାହିଁ ଏବଂ ବିକ୍ରୟ ପାଇଁ ପ୍ରଦାନ କରାଯାଇପାରିବ ନାହିଁ । ଏକ ଯୁକ୍ତି ମଧ୍ୟ ଦିଆଯାଇଥିଲା ଯେ, ଯନ୍ତ୍ରଟିକୁ ସେହି ସ୍ଥାନରେ ଟର୍ଣ୍ଣ କୀ ଆଧାରରେ ସ୍ଥାପିତ କରାଯାଇଥିଲା ଯେଉଁଠାରେ ଯନ୍ତ୍ରକୁ ଶେଷରେ ଏକ ସ୍ଥାୟୀ ସଲଗ୍ନ ଉପକରଣ କରିବା ପାଇଁ ଏକ କଂକ୍ରିଟ୍ ଆସ୍ଥାନରେ ସ୍ଥାପିତ କରାଯାଇଥିଲା ।

ତେବେ କେତେକ ତଥ୍ୟ ଆଧାରରେ ନ୍ୟାୟାଧିକରଣ ତାଙ୍କ ସମ୍ମୁଖରେ ଆଗତ ହୋଇଥିବା ଏହି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲେ । ନ୍ୟାୟାଧିକରଣଙ୍କ ରାୟରେ ଦର୍ଶାଯାଇଛି ଯେ, କାର୍ଯ୍ୟକ୍ଷମ ଦକ୍ଷତା ପାଇଁ ଯନ୍ତ୍ରଟିକୁ ମାଟି ସହିତ ସଂଯୁକ୍ତ ହୋଇଥିଲା । ଯନ୍ତ୍ରଟିକୁ କଂକ୍ରିଟ୍ ଆସ୍ଥାନ ସହିତ ସଂଲଗ୍ନ କରିବା ପଛରେ ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ଥିଲା ଯନ୍ତ୍ରର ଦୋଳାୟମାନତାକୁ ରୋକିବା ଏବଂ ସର୍ବାଧିକ କାର୍ଯ୍ୟକ୍ଷମତା ଏବଂ ସୁରକ୍ଷା । ନ୍ୟାୟାଧିକରଣ ରାୟରେ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ,  କାଗଜ ତିଆରି ଯନ୍ତ୍ରଟି ବିକ୍ରିଯୋଗ୍ୟ ଥିଲା ଏବଂ "ଯଦି କେହି କିଣିବାକୁ ଚାହାଁନ୍ତି, ତେବେ ସମଗ୍ର ଯନ୍ତ୍ରଟିକୁ ଭାଙ୍ଗି ତାଙ୍କୁ କିଛି ଉପାଦାନରେ ବିକ୍ରି କରାଯାଇପାରିବ" ।

ଏହି ତଥ୍ୟକୁ ଦୃଷ୍ଟିରେ ରଖି, ଏହା ସ୍ଥିର କରିବା ସମ୍ଭବ ନୁହେଁ ଯେ, ଅପିଲକାରୀଙ୍କ ଦ୍ୱାରା ଏହାର କାରଖାନାରେ ଏକତିତ୍ର ଏବଂ ନିର୍ମାଣ କରାଯାଇଥିବା ଯନ୍ତ୍ରଟି ସ୍ଥାବର ସମ୍ପତ୍ତି ଥିଲା ଯାହା ଏକ କୋଠା କିମ୍ବା ଗଛ ପରି ମାଟି ସହିତ ସଂଲଗ୍ନ ଥିଲା । ନ୍ୟାୟାଧିକରଣ ଦର୍ଶାଇଛନ୍ତି ଯେ, ଯନ୍ତ୍ରଟିର କାର୍ଯ୍ୟକ୍ଷମ ଦକ୍ଷତା ପାଇଁ ଏହାକୁ ମାଟି ସହିତ ସଂଯୁକ୍ତ କରାଯାଇଥିଲା । ଯଦି ଅପିଲକାରୀ କାଗଜ ତିଆରି ଯନ୍ତ୍ର ବିକ୍ରି କରିବାକୁ ଚାହାଁନ୍ତି, ତେବେ ସର୍ବଦା ଏହାକୁ ପାଦଦେଶରୁ ହଟାଇ ଏହାକୁ ବିକ୍ରି କରିପାରିବେ ।

ନ୍ୟାୟାଧିକରଣ ଦ୍ୱାରା ଉପସ୍ଥାପିତ ଏହି ତଥ୍ୟ ବ୍ୟତୀତ, ଅପିଲକାରୀଙ୍କ ପକ୍ଷରୁ ଏହି ପ୍ରସଙ୍ଗ ଉପସ୍ଥାପନ କରାଯାଇଥିଲା ଯେ, ମାଟିରେ ଯାହା ବି ପୋତା ଯିବ ତାହାକୁ ସ୍ଥାବର ସମ୍ପତ୍ତି ଭାବରେ ବିବେଚନା କରାଯିବା ଉଚିତ, ଏହା ମୂଳତଃ ଠିକ୍ ନୁହେଁ । ଉଦାହରଣ ସ୍ୱରୂପ, ଜଣେ କାରଖାନା ମାଲିକ କିମ୍ବା ଜଣେ ଘରମାଲିକ ମଧ୍ୟ ପାଣି ପମ୍ପ କିଣି ଏହାକୁ କାର୍ଯ୍ୟକ୍ଷମ ଦକ୍ଷତା ତଥା ସୁରକ୍ଷା ପାଇଁ ସିମେଣ୍ଟ ଆସ୍ଥାନ ଉପରେ ଲଗାଇପାରନ୍ତି । ତାହା ପାଣି ପମ୍ପକୁ ସ୍ଥାବର ସମ୍ପତ୍ତି ପରିଣତ କରିବ ନାହିଁ । ପାଣି ପମ୍ପର କିଛି ଉପାଦାନକୁ ସେହି ସ୍ଥାନରେ ଏକତିତ୍ର କରାଯାଇପାରେ । ତାହା ମଧ୍ୟ ନୀତିରେ କୌଣସି ପରିବର୍ତ୍ତନ ଆଣିବ ନାହିଁ । ପରୀକ୍ଷଣ ହେଉଛି କାଗଜ ତିଆରି ଯନ୍ତ୍ରଟି ବଜାରରେ ବିକ୍ରି ହୋଇପାରିବ କି ନାହିଁ । ନ୍ୟାୟାଧିକରଣ ଜାଣିବାକୁ ପାଇଛନ୍ତି ଯେ, ଏହାକୁ ବିକ୍ରି କରାଯାଇପାରିବ । ସେହି ଅନୁସନ୍ଧାନକୁ ଦୃଷ୍ଟିରେ ରଖି, ଅପିଲକାରୀଙ୍କ ଏହି ଯୁକ୍ତିକୁ ସମର୍ଥନ କରିବା ସମ୍ଭବ ନୁହେଁ ଯେ, ଯନ୍ତ୍ର କମ୍ପାନୀର ସ୍ଥାବର ସମ୍ପତ୍ତିର ଏକ ଉପାଦାନ ଭାବରେ ବିବେଚିତ ହେବା ଆବଶ୍ୟକ । କେବଳ ଉତ୍ତମ କାର୍ଯ୍ୟକାରିତା ପାଇଁ କାରଖାନା ଏବଂ ଯନ୍ତ୍ରଟି ଭୂମିରେ ସଲଗ୍ନ ଉପକରଣ ହୋଇଥିବାରୁ, ଏହା ସ୍ୱୟଂ ଭାବରେ ଏକ ସ୍ଥାବର ସମ୍ପତ୍ତି ପରିଣତ ହୁଏ ନାହିଁ ।

ଆଉ ଏକ ଯୁକ୍ତି ଦିଆଯାଇଥିଲା ଯେ ସମ୍ପୂର୍ଣ୍ଣ ଯନ୍ତ୍ରକୁ କିଣାବିକା କରାଯାଇପାରିବ ନାହିଁ କାରଣ ବିକ୍ରି ହେବା ପୂର୍ବରୁ ଯନ୍ତ୍ରକୁ ଭାଙ୍ଗିବାକୁ ପଡିବ । ନ୍ୟାୟାଧିକରଣ ଦର୍ଶାଇଛନ୍ତି ଯେ ଅପିଲକାରୀ ନିଜେ ଅନେକ ସାମଗ୍ରୀ କିଣିଥିଲେ ଏବଂ ଯନ୍ତ୍ରଟିକୁ ସମ୍ପୂର୍ଣ୍ଣ କରିଥିଲେ । ଏହା ବହୁ ସଂଖ୍ୟକ ଉପାଦାନ କିଣିଥିଲା ଏବଂ କିଛି ତିଆରି କରିଥିଲା ଏବଂ ସେହି ସ୍ଥାନରେ କାଗଜ ତିଆରି ଯନ୍ତ୍ର ତିଆରି କରିଥିଲା । ଯଦି ଏହାକୁ ବିକ୍ରି କରାଯାଏ, ତେବେ ଏହାକୁ ଭାଙ୍ଗିବାକୁ ପଡ଼ିବ ଏବଂ ଅନ୍ୟ ଏକ ସ୍ଥାନରେ ପୁଣି ଏକତିତ୍ର କରିବାକୁ ପଡ଼ିବ । ଏହି ପ୍ରସଙ୍ଗରେ ନ୍ୟାୟାଧିକରଣଙ୍କର ଯୁକ୍ତିରେ ଆମେ କୌଣସି ତ୍ରୁଟି ପାଉନାହୁଁ ।

ଶେଷରେ, ଏହା ଯୁକ୍ତି କରାଯାଇଥିଲା ଯେ, କାଗଜ ତିଆରି ଯନ୍ତ୍ର ପ୍ରକୃତରେ ଅପିଲକାରୀଙ୍କ ଦ୍ୱାରା ନିର୍ମିତ ହୋଇନଥିଲା । ବିଭିନ୍ନ ଯନ୍ତ୍ରାଂଶ ଏବଂ ଉପାଦାନ କ୍ରୟ କରାଯାଇଥିଲା ଏବଂ କିଛି ଉପାଦାନ କାରଖାନାରେ ତିଆରି କରାଯାଇଥିଲା ଏବଂ ପରିଶେଷରେ କରଦାତା ଯନ୍ତ୍ରର ବିଭିନ୍ନ ଉପାଦାନ ଏକତ୍ର କରିଥିଲେ । ଆମେ ଏହି ଯୁକ୍ତିକୁ ସମର୍ଥନ କରିପାରିବୁ ନାହିଁ କାରଣ ଏହା ଦେଖିବାକୁ ପଡ଼ିବ ଯେ, ଏକ ଚୂଡ଼ାନ୍ତ ଉତ୍ପାଦ କିଛି ସ୍ୱତନ୍ତ୍ର ଏବଂ ଏହାର ଉତ୍ପାଦନରେ ଆସିଥିବା ଉପାଦାନଗୁଡ଼ିକଠାରୁ ଭିନ୍ନ କି ନାହିଁ । ଅପିଲକାରୀ ତାଙ୍କ କାରଖାନାରେ ଯାହା ସ୍ଥାପନ କରିଛନ୍ତି ତାହା ହେଉଛି ଏକ କାଗଜ ତିଆରି ଯନ୍ତ୍ର । ଏହା ଯନ୍ତ୍ର ତିଆରି କରିବା ପାଇଁ ବିଭିନ୍ନ ଉପାଦାନ କିଣିଥାଇପାରେ, କିନ୍ତୁ ତଥାପି ଯାହା ଉତ୍ପାଦିତ ହୋଇଛି ତାହା କିଣାଯାଇଥିବା ଉପାଦାନଗୁଡ଼ିକ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଅପିଲକାରୀଙ୍କ ଉତ୍ପାଦନ କାର୍ଯ୍ୟକଳାପର ଫଳସ୍ୱରୂପ ଏକ ନୂତନ ବିପଣନଯୋଗ୍ୟ ଦ୍ରବ୍ୟ ଉଭା ହୋଇଛି ।

ବିପଣନଯୋଗ୍ୟତା ଏକ ତଥ୍ୟଗତ ପ୍ରଶ୍ନ ହୋଇଥିବାରୁ, ଆମର ମତ ହେଉଛି ନ୍ୟାୟାଧିକରଣ ଦ୍ୱାରା ପାରିତ ଆଦେଶରେ ହସ୍ତକ୍ଷେପ କରିବାର କୌଣସି ପରିସର ନାହିଁ । ଏହା କୁହାଯାଇପାରିବ ନାହିଁ ଯେ ନ୍ୟାୟାଧିକରଣ କୌଣସି ବସ୍ତୁଗତ ତଥ୍ୟକୁ ଅଣଦେଖା କରିଛି କିମ୍ବା ଏହାର ନିର୍ଣ୍ଣୟ ବିକୃତ ଅଟେ ।

ଅପିଲଟି ବିଫଳ ହୋଇଅଛି ଏବଂ ଖାରଜ ହୋଇଯାଇଅଛି । ଆଦେଶ ପାଇଁ କୌଣସି ଖର୍ଚ୍ଚ ନାହିଁ ।

ଭି.ଏସ୍.ଏସ୍. ଅପିଲଟି ଖାରଜ ହୋଇଯାଇଅଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ : - ଭବାନୀ ଶଙ୍କର ନାୟକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**